ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

**News ID-IPR/Labour & ESI(Od)/240/ 21-02-2024**

# କାରଖାନା ସୁରକ୍ଷା ଅଧିକାରୀ ପାଇଁ ରାଜ୍ୟ ଶ୍ରମ ସଂସ୍ଥାନରେ ତାଲିମ କର୍ମଶାଳା

ଭୁବନେଶ୍ୱର, ତା.୨୧ /୦୨/୨୦୨୪

ରାଜ୍ୟ ଶ୍ରମ ସଂସ୍ଥାନରେ ଆୟୋଜିତ ହେଉଥିବା ତାଲିମ ପ୍ରକ୍ରିୟାରେ ଦ୍ୱିତୀୟ ଦଫାରେ ଆଜି ରାଜ୍ୟର ବିଭିନ୍ନ କାରଖାନାମାନଙ୍କରେ ନିୟୋଜିତ ସୁରକ୍ଷା ଅଧିକାରୀମାନଙ୍କର ଏକ ଦିନିକିଆ କର୍ମଶାଳାକୁ ସଂସ୍ଥାନ ଉପାଧକ୍ଷ ଏବଂ ଶ୍ରମ ବିଭାଗର କମିଶନର ତଥା ଶାସନସଚିବ ଶ୍ରୀଯୁକ୍ତ ଆର. ସନ୍ଥ ଗୋପାଳନ ଉଦଘାଟନ କରିଛନ୍ତି ।

ତାଙ୍କ ଉଦବୋଧନରେ କାରଖାନାରେ କାର୍ଯ୍ୟରତ ଶ୍ରମିକମାନଙ୍କ ବୃତ୍ତିଗତ ସୁରକ୍ଷା ଏବଂ ସ୍ୱାସ୍ଥ୍ୟକୁ ପ୍ରାଥମିକତା ଦେବା ସହିତ ଶୂନ୍ୟ ଦୁର୍ଘଟଣା ଲକ୍ଷ୍ୟରେ ସୁରକ୍ଷା ଅଧିକାରୀମାନେ ପାରଦର୍ଶିତାର ସହିତ ନିଜର କର୍ତ୍ତବ୍ୟ ଏବଂ ଦାୟିତ୍ୱ ସମ୍ପାଦନ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ଏହା ସମ୍ଭବ ହେଲେ ରାଜ୍ୟ ସରକାରଙ୍କ ଶିଳ୍ପ ସୁରକ୍ଷା ନୀତି ସଫଳ ହେବ । ବିଶେଷ କରି ସେମାନେ ପରିଚାଳନା କର୍ତ୍ତୃପକ୍ଷଙ୍କ କାଠପୁତ୍ତଳିକା ନହୋଇ ଶ୍ରମିକ ମାଲିକ ଏବଂ ସରକାରଙ୍କ ମଧ୍ୟରେ ବାସ୍ତବ ତ୍ରିବେଣୀ ଭାବେ ସମନ୍ୱୟ ରଖି ପାରିଲେ ଓଡ଼ିଶାର ଶିଳ୍ପ ବାତାବରଣ ଏକ ଉଦାହରଣ ଯୋଗ୍ୟ ହେବାକୁ ଅସ୍ୱୀକାର କରାଯାଇ ପାରିବ ନାହିଁ ବୋଲି ସେ ପ୍ରକାଶ କରିଥିଲେ ।

ସଂସ୍ଥାନ ନିର୍ଦ୍ଦେଶକ ତଥା ଶ୍ରମ ବିଭାଗ ଅତିରିକ୍ତ ଶାସନସଚିବ ଶ୍ରୀ ନୀତି ରଂଜନ ସେନ୍ ଏବଂ କାରଖାନା ଏବଂ ବାଷ୍ପୀତ୍ର ଉପନିର୍ଦ୍ଦେଶକ ସୁରକ୍ଷା ଡଃ ମଳୟ କୁମାର ପ୍ରଧାନ ଉଦବୋଧନ ଦେବା ସହିତ ସୁରକ୍ଷା ଅଧିକାରୀମାନେ ସୁରକ୍ଷା ସମ୍ବନ୍ଧୀୟ ନିୟାମକ ଉପରେ ଯଥେଷ୍ଟ ଜ୍ଞାନ ହାସଲ କରିବା ସହିତ ବିଭିନ୍ନ କାରଖାନାରେ ଘଟୁଥିବା ଦୁର୍ଘଟଣା ଉପରେ ନଜର ରଖି ସେହିପରି ଅଘଟଣକୁ ସେମାନଙ୍କର ସଂସ୍ଥାରେ କିପରି ଏଡ଼ାଇ ଦିଆଯାଇପାରିବ ସେ ଦିଗରେ ଉଦ୍ୟମ ଜାରିରଖିବା ବର୍ତ୍ତମାନ ସମୟ ପାଇଁ ବଡ଼ ଆହ୍ୱାନ ବୋଲି ପ୍ରକାଶ କରିଥିଲେ ।

ଉକ୍ତ କର୍ମଶାଳାରେ ୪୮ ଜଣ ସୁରକ୍ଷା ଅଧିକାରୀ ଅଂଶଗ୍ରହଣ କରିଥିବାବେଳେ ବିଭିନ୍ନ କାରଖାନାର ପଦସ୍ଥ ଅଭିଜ୍ଞ ସୁରକ୍ଷା ପରିଚାଳକ କାରଖାନା ଏବଂ ବାଷ୍ପୀୟ ନିର୍ଦ୍ଦେଶାଳୟର ଅଧିକାରୀଙ୍କ ଦ୍ୱାରା ତାଲିମ କାର୍ଯ୍ୟକ୍ରମ ସମ୍ପାଦିତ ହେଉଅଛି ।

ପ୍ରମୋଦିନୀ ଟେଟେ
ସୂଚନା ଅଧିକାରୀ